ଧରିତ୍ରୀ
DHARITRI

06th June, 2019

# ଜଟଣୀରେ ବିଶ୍ୱ ପରିବେଶ ଦିବସ

**ଜଟଣୀ,୫।୬(ଡି.ଏନ.ଏ.):**

ବିଶ୍ୱ ପରିବେଶ ଦିବସ ପରିପ୍ରେକ୍ଷୀରେ ଜଟଣୀର ବିଭିନ୍ନ ସ୍ଥାନରେ ବୁଧବାର ବୃକ୍ଷରୋପଣ ସହ ସୁସ୍ଥ ପରିବେଶ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଖୋର୍ଦ୍ଧାରୋଡ଼ ରେଲଡିଭିଜନ ମୁଖ୍ୟ ଦପ୍ତର ପରିସର ଓ ରେଲୱେ କଲୋନୀଗୁଡ଼ିକରେ ବୃକ୍ଷରୋପଣ କରାଯାଇଥିଲା। 'ବୃକ୍ଷରୋପଣ କର ପ୍ରଦୂଷଣରୁ ରକ୍ଷା ପାଅ' ବାର୍ତ୍ତା ନେଇ ରେଲୱେ ଅଧିକାରୀ ଓ କର୍ମଚାରୀମାନେ ସଚେତନତା ଶୋଭାଯାତ୍ରା ଏଠାରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଏଥିସହ ସ୍କାଉଟ୍ ଗାଇଡ୍ସ ଓ ରେଲୱେ ଯାନ୍ତ୍ରିକ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ସେହିପରି ପରିବେଶ ଉପରେ ସଚେତନତା ସୃଷ୍ଟି ପାଇଁ ରେଲୱେ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ଡିଆରଏମ୍ ଶଶୀକାନ୍ତ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ସେହିପରି ଜଟଣୀସ୍ଥିତ ଆଇଆଇଟି ପରିସରରେ ବୃକ୍ଷରୋପଣ, ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଆଇଆଇଟି ପରିସରକୁ ସବୁଜିମାରେ ପରିଣତ କରିବା ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରାଯିବ ବୋଲି ଏହାର ନିର୍ଦ୍ଦେଶକ ପ୍ରଫେସର ଆର୍. ଭି. ରାଜାକୁମାର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଆଇଟିର କର୍ମଚାରୀ ଓ ବିଦ୍ୟାର୍ଥୀମାନେ ସାମିଲ ଥିଲେ।